ଓଡ଼ିଶା ସରକାର

# ଓଡ଼ିଶା ବିଧାନ ସଭାରେ
# ୧୯୭୮-୭୯ ମସିହାର ବଜେଟ୍
# ଉପସ୍ଥାପନ କରି
# ଅର୍ଥମନ୍ତ୍ରୀ
# ଡକ୍ଟର ରାମପ୍ରସାଦ ମିଶ୍ରଙ୍କ
# ଅଭିଭାଷଣ

ମାର୍ଚ୍ଚ ୩, ୧୯୭୮

# ଓଡ଼ିଶା ବିଧାନ ସଭାରେ
# ୧୯୭୮-୭୯ ମସିହାର ବଜେଟ୍ ଉପସ୍ଥାପନ କର
# ଅର୍ଥ ମନ୍ତ୍ରୀ ଡକ୍ଟର ରାମପ୍ରସାଦ ମିଶ୍ରଙ୍କ
# ଅଭିଭାଷଣ

ମହାଶୟ,

୧୯୭୮-୭୯ ର ବାର୍ଷିକ ଆୟ ବ୍ୟୟ ବିବରଣୀ ଓ ବଜେଟ୍ ସଂକ୍ରାନ୍ତୀୟ କାଗଜପତ୍ର ମାନ୍ୟବର ସଭ୍ୟମାନେ ପାଇ ଅଛନ୍ତି । ବଜେଟ୍ କାଗଜପତ୍ର ଉପସ୍ଥାପନରେ ଯେଉଁ ପରିବର୍ତ୍ତନ ଅଣାଯାଇଛି ମାନ୍ୟବର ସଭ୍ୟମାନେ ତାହା ଲକ୍ଷ୍ୟ କରିଥିବେ । ବଜେଟ୍ ପୁସ୍ତିକାର ସଂଖ୍ୟା ଓ କଳେବର ବୃଦ୍ଧି ପାଇଥିବାରୁ ତାହା ପୁନର୍ବିନ୍ୟସ୍ତ କରାଯାଇଛି । ଏହା ମାନ୍ୟବର ସଭ୍ୟମାନଙ୍କର ବ୍ୟବହାର ପାଇଁ ସୁବିଧାଜନକ ହେବ ବୋଲି ମୁଁ ଆଶାକରେ ।

୨ । ପ୍ରାୟ ଛ'ମାସ ପୂର୍ବେ ଜନତା ସରକାରଙ୍କ ପ୍ରଥମ ବଜେଟ୍ ଏହି ଗୃହରେ ଉପସ୍ଥାପନ କଲାବେଳେ ମୁଁ ମାନ୍ୟବର ସଭ୍ୟମାନଙ୍କ ସହ ଆଶା ପୋଷଣ କରିଥିଲି ଯେ, ତତ୍କାଳୀନ ନୈରାଶ୍ୟଜନକ ଅର୍ଥନୈତିକ ପରିସ୍ଥିତିର ଶୀଘ୍ର ଉନ୍ନତି ଘଟି ତାହା କ୍ରମଶଃ ଅପସାରିତ ହେବ । ଅତୀତକୁ ଦୃଷ୍ଟିପାତ କଲେ ଦେଖାଯିବଯେ, ଏକ ସୁଦୃଢ଼ ଗଣତାନ୍ତ୍ରିକ ଭବିଷ୍ୟତ ନିମନ୍ତେ ପଥ ନିର୍ମାଣ କରିବାରେ ଆମେ ଯେ ସଫଳ ହୋଇଛୁ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ଏହି ସ୍ୱଳ୍ପ ନଅ ମାସ ମଧ୍ୟରେ ସମସ୍ତ ପ୍ରକାର ଅବ୍ୟବସ୍ଥାକୁ ସୁଧାରି ପାରିଛୁ ବୋଲି ଆମେ ଦାବୀ କରୁନାହୁଁ । କିନ୍ତୁ ଆର୍ଥିକ ଏବଂ ପ୍ରଶାସନିକ ବ୍ୟବସ୍ଥାରେ ହୋଇଥିବା ସଂଶୋଧନର ଯେ କିଛି ଫଳ ହୋଇନାହିଁ ଏହା କହିବା ଅଜ୍ଞତା ହେବ ।

୩ । ପ୍ରାକୃତିକ ଦୁର୍ବିପାକ ସତ୍ତ୍ୱେ ରାଜ୍ୟର ଅର୍ଥନୈତିକ ଅବସ୍ଥା ଭଲ ରହିଛି । ୧୯୭୭ ଜୁଲାଇ ମାସ ପର୍ଯ୍ୟନ୍ତ ଖରିଫ୍ ଫସଲ ଅତ୍ୟନ୍ତ ସନ୍ତୋଷଜନକ ଥିଲା, କିନ୍ତୁ ଜୁଲାଇ ଓ ଅଗଷ୍ଟ ମାସରେ ପ୍ରବଳ ବୃଷ୍ଟିପାତ ହେତୁ କେତେକ ଅଞ୍ଚଳରେ ବନ୍ୟା ହେବାରେ ଫସଲର ବ୍ୟାପକ କ୍ଷତି ଘଟିଲା । ବନ୍ୟା ପରେ ପରେ ଅକ୍ଟୋବର—ନଭେମ୍ବର ମାସରେ ଅନାବୃଷ୍ଟି ଯୋଗୁ କେତେକ ଅଞ୍ଚଳରେ ଖରିଫ୍ ଫସଲ ପୁଣି କ୍ଷତିଗ୍ରସ୍ତ ହେଲା । ପରେ ରୋଗ ଯୋଗୁ ମଧ୍ୟ ଅନେକ ଫସଲ ନଷ୍ଟ ହେଲା । ଏହା ପୂର୍ବରୁ ୧୯୭୬-୭୭ ରେ ବ୍ୟାପକ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁ ୩,୩୪୧ ଗ୍ରାମପଞ୍ଚାୟତରେ ମରୁଡ଼ି ହୋଇ ଖାଦ୍ୟଶସ୍ୟ ଅଧିକ କ୍ଷତିଗ୍ରସ୍ତ ହୋଇ ମାତ୍ର ୪୦.୮ ଲକ୍ଷ ଟନ୍ ଉତ୍ପାଦନ ହୋଇଥିଲା । ୧୯୭୫-୭୬ ରେ ଉତ୍ପାଦନ ପରିମାଣ ୫୫.୭ ଲକ୍ଷ ଟନ ଥିଲା । ଚଳିତ ବର୍ଷର ଖାଦ୍ୟଶସ୍ୟ ଉତ୍ପାଦନ ପରିମାଣ ମଧ୍ୟ ୧୯୭୫-୭୬ ର ଉତ୍ପାଦନ ସ୍ତରରେ ପହଞ୍ଚିବ ବୋଲି ଅନୁମାନ । ମୋର ଆଶା ଯେ ଏହା ଫଳରେ ଗ୍ରାମାଞ୍ଚଳରେ କ୍ରୟ ଶକ୍ତି ବୃଦ୍ଧି ପାଇବ, କର୍ମସଂସ୍ଥାନର ପରିସର ସଂପ୍ରସାରିତ ହେବ ଏବଂ ସର୍ବୋପରି ଅର୍ଥନୈତିକ ଅବସ୍ଥା ଉଜ୍ଜ୍ୱଳ ହେବ ।

୪ । ସୁଖର କଥା ଯେ ଦର ଦାମ କ୍ଷେତ୍ରରେ ମଧ୍ୟ କେତେକ ଉନ୍ନତି ପରିଲକ୍ଷିତ ହୋଇଛି । ମାନ୍ୟବର ସଭ୍ୟମାନେ ଲକ୍ଷ୍ୟ କରିଥିବେ ଯେ ମୁଦ୍ରାସ୍ଫୀତି ବହୁ ପରିମାଣରେ ଆୟତ୍ତ ହୋଇଛି । ୧୯୭୭ ଜୁଲାଇ ମାସରେ ୧୮୯ କୁ ବୃଦ୍ଧି ପାଇଥିବା ସର୍ବଭାରତୀୟ ପାଇକାରୀ ମୂଲ୍ୟ ସୂଚୀ ୧୯୭୮ ଜାନୁୟାରୀ ମାସରେ ୧୮୩ କୁ ଖସିଆସିଛି । ୧୯୭୭-୭୮ ର ପ୍ରଥମାର୍ଦ୍ଧ (ଅପ୍ରେଲ ଠାରୁ ଅକ୍ଟୋବର) ରେ ସବୁ ସାମଗ୍ରୀର ପାଇକାରୀ ମୂଲ୍ୟସୂଚୀ ମଧ୍ୟ ଶତକଡ଼ା ୧ ଭାଗ ହ୍ରାସ

ପାଉଥିଲା । ବିଗତବର୍ଷ ସେହି ସମୟରେ ଏହି ମୂଲ୍ୟସୂଚୀ ଶତକଡ଼ା ୫ ଭାଗକୁ ବୃଦ୍ଧି ପାଇଥିଲା । ବର୍ତ୍ତମାନ ସୁଦ୍ଧା ମିଳିଥିବା ସୂଚନାରୁ ଜଣାପଡ଼େ ଯେ ୧୯୭୮ ଫେବୃୟାରୀ ପ୍ରଥମ ସପ୍ତାହରେ ଏହି ପାଇକାରୀ ମୂଲ୍ୟ ସୂଚୀ ଆହୁରି ହ୍ରାସପାଇ ୧୮୧ ରେ ପହଞ୍ଚିଛି । ଜିନିଷ ପତ୍ରର ପାଇକାରୀ ମୂଲ୍ୟ ନିରବଚ୍ଛିନ୍ନ ଭାବେ ହ୍ରାସ ପାଉଛି । ଏହା ଏକ ଆଶ୍ୱସ୍ତିକର ସୂଚନା । ମୂଲ୍ୟରେ କ୍ରମାଗତଭାବେ ହ୍ରାସ ପାଉଥିବାରୁ ଆମେ ଆଶା କରୁଛୁ ଯେ ନିକଟ ଭବିଷ୍ୟତରେ ଖାଉଟି ମୂଲ୍ୟ ସୂଚୀ ମଧ୍ୟ ତଦନୁଯାୟୀ ହ୍ରାସ ପାଇବ ।

୫ । ମାନ୍ୟବର ସଭ୍ୟମାନଙ୍କର ସ୍ମରଣ ଥିବ ଯେ ୧୯୭୭ ସେପ୍ଟେମ୍ବର ମାସରେ ବଜେଟ୍ ଆଗତ କଲାବେଳେ ମୁଁ ଆମର ଅଳ୍ପ ଉତ୍ପାଦନ, ଉତ୍କଟ ଦାରିଦ୍ର୍ୟ ଓ ବେକାରୀ ପ୍ରଭୃତି କେତେକ ଜରୁରୀ ସମସ୍ୟାର ଉଲ୍ଲେଖ କରିଥିଲି ଯାହାର ସମାଧାନ ନିମନ୍ତେ ଉନ୍ନୟନ ଯୋଜନା ଗୁଡ଼ିକର ପୁନର୍ବିନ୍ୟାସ ଓ ସମ୍ବଳର ଅଭିବୃଦ୍ଧି ଆବଶ୍ୟକ ଥିଲା । ଆମର ସୀମିତ ସମ୍ବଳ ମଧ୍ୟରେ ତଦନୁଯାୟୀ ବଜେଟ ପ୍ରସ୍ତୁତ କରା ଯାଇଥିଲା । କିନ୍ତୁ ଅତିରିକ୍ତ ସମ୍ବଳ ଉଠାଇବା ବ୍ୟବସ୍ଥା ସତ୍ତ୍ୱେ ସୁଧ, ବେତନ, ମଜୁରୀ, ମହଗାଭତ୍ତା ପ୍ରଭୃତି ଅଣଯୋଜନା ଖର୍ଚ୍ଚ ବୃଦ୍ଧି ପାଇଥିବାରୁ ଆମର ସଞ୍ଚୟ ହ୍ରାସ ପାଇଛି । ସରକାରୀ ଉଦ୍ୟୋଗରେ ପ୍ରତିଷ୍ଠିତ ଶିଳ୍ପ କାରଖାନାମାନଙ୍କରେ ବିନିଯୁକ୍ତ ମୂଳଧନ ଅନୁପାତରେ ଆୟ ହେଉ ନାହିଁ । ଆମ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିର ହାର ଶତକଡ଼ା ପ୍ରାୟ ୨ ଭାଗ ଯାହା କି ଲୋକସଂଖ୍ୟା ବୃଦ୍ଧି ହାର ଠାରୁ କମ୍ । ତେଣୁ ସମ୍ବଳ ସଂଗ୍ରହ ଦିଗରେ ଉଦ୍ୟମକୁ ଅଧିକ ଦୃଢ଼ କରିବା ସଂଗେ ସଂଗେ ଅଣଉନ୍ନୟନ ବ୍ୟୟ ବାବଦରେ ମିତବ୍ୟୟିତା ଅବଲମ୍ବନ କରିବାକୁ ହେବ । ଚଳିତ ବର୍ଷ ଭୂ-ରାଜସ୍ୱ ଉପରେ ସେସ୍ ଦ୍ୱିଗୁଣିତ କରା ଯାଇଛି, ଖଣି ରୟାଲ୍ଟି ଉପରେ ସେସ୍ ଧାର୍ଯ୍ୟ କରା ଯାଇଛି, ବିକ୍ରି ଟିକସ ହାର ସଂଶୋଧିତ ହୋଇଛି ଓ ଜଙ୍ଗଲ ଜାତ ସାମଗ୍ରୀର ବିକ୍ରି ହାର ବୃଦ୍ଧି କରାଯାଇଛି । ତେଣୁ ଆସନ୍ତା ବର୍ଷ ମୁଁ ଅନ୍ୟ କୌଣସି ନୂତନ ଟିକସ ଧାର୍ଯ୍ୟର ପ୍ରସ୍ତାବ ଦେଉ ନାହିଁ ।

୬ । ଏ ବର୍ଷ ବନ୍ୟାରେ ଭାଙ୍ଗି ଯାଇଥିବା ଜଳସେଚନ ଯୋଜନା ଓ ପାନୀୟ ଜଳ କୂପ ଗୁଡ଼ିକର ପୁନର୍ନିର୍ମାଣ, ରାସ୍ତା ଘାଟ, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ସ୍କୁଲ ଗୃହ, କେନାଲ ତଥା ବନ୍ଧ ବାଡ଼ର ମରାମତି ଏବଂ ବାଲିଚର ଗ୍ରସ୍ତ ଜମିକୁ ଆବାଦ କରିବା ନିମନ୍ତେ କେନ୍ଦ୍ର ସରକାରଙ୍କ ଠାରୁ ଯୋଜନା ଅଟକଳ ବାହାରେ ୮ କୋଟି ୫୨ ଲକ୍ଷ ଟଙ୍କା ଅଗ୍ରୀମ ସାହାଯ୍ୟ ମିଳିଛି । ଏହି ସାହାଯ୍ୟ ବନ୍ୟା ଓ ମରୁଡ଼ିଗ୍ରସ୍ତ ଅଞ୍ଚଳରେ କାମଧନ୍ଦା ଯୋଗାଇ ଦେବା ଦିଗରେ ଆମ ହାତମୁଠା ଟାଣ କରିଛି । ଏହା ବ୍ୟତୀତ ୧୯୭୭-୭୮ ମୂଳ ଯୋଜନା ଅଟକଳ ଯାହାକି ୧୫୦ କୋଟି ଟଙ୍କାରୁ ବୃଦ୍ଧି ପାଇ ୧୯୭୭ ସେପ୍ଟେମ୍ବରରେ ୧୫୬ କୋଟି ଟଙ୍କା କରା ଯାଇଥିଲା- ତାହା ପୁନଃବର୍ଦ୍ଧିତ ହୋଇ ୧୬୪ କୋଟି ୫୨ ଲକ୍ଷ ଟଙ୍କା ହୋଇ ପାରିଛି ।

୭ । "କାମପାଇଁ ଶସ୍ୟ" ପରିକଳ୍ପନାରେ ମଧ୍ୟ ବହୁ ପରିମାଣରେ କେନ୍ଦ୍ରୀୟ ସାହାଯ୍ୟ ମିଳିଛି । ଏହି ଖାଦ୍ୟ ଶସ୍ୟର ସଦୁପଯୋଗରେ ଗ୍ରାମାଞ୍ଚଳର ଦାରିଦ୍ର୍ୟ ତଥା ବେକାରୀ ସମସ୍ୟାର ଆଶୁ ସମାଧାନ ପାଇଁ ଏହା ହେଉଛି ଏକ ନୂତନ ପଦକ୍ଷେପ । ଗ୍ରାମାଞ୍ଚଳର ଅଭିବୃଦ୍ଧି ନିମନ୍ତେ ଅର୍ଥନୈତିକ ଭିତ୍ତିଭୂମିର ଅଭାବ ଥିବାରୁ ଆଂଶିକ ବା ପୂର୍ଣ୍ଣ ଭାବରେ ଖାଦ୍ୟଶସ୍ୟ ଆକାରରେ ମଜୁରୀ ଦେଇ ଶ୍ରମବହୁଳ ଏବଂ ଉତ୍ପାଦନଶୀଳ କାର୍ଯ୍ୟକ୍ରମରେ ଗ୍ରାମାଞ୍ଚଳର କ୍ରମବର୍ଦ୍ଧମାନ ଶ୍ରମିକ ଗୋଷ୍ଠୀକୁ ଉପଯୋଗ କରା ଯାଇ ପାରିବ । କୃଷି ଜମି ଉପରେ ଅତ୍ୟଧିକ ନିର୍ଭରଶୀଳତା ଯୋଗୁ ପ୍ରଚ୍ଛନ୍ନ ଭାବେ ବ୍ୟାପକ ବେକାର ସମସ୍ୟା ସୃଷ୍ଟି ହୋଇଛି ଯାହା ଫଳରେ କି ଲୋକମାନଙ୍କର ଦର ଦସ୍ତୁର ଶକ୍ତି ଅଭାବରେ କ୍ରୟ ଶକ୍ତି ମଧ୍ୟ ହ୍ରାସ ପାଇଛି । "କାମ ପାଇଁ ଶସ୍ୟ" ପରିକଳ୍ପନା ଗ୍ରାମାଞ୍ଚଳର ଗରିବ ଲୋକମାନଙ୍କୁ ଲାଭଜନକ କାମଧନ୍ଦା ଯୋଗାଇ ସେମାନଙ୍କ ଦୁଃଖ କଷ୍ଟ ଲାଘବ କରିବା ସଂଗେ ସଂଗେ ଗ୍ରାମାଞ୍ଚଳରେ

ସ୍ଥାୟୀ ଜାତୀୟ ସଂପଦ ଓ ଅର୍ଥନୈତିକ ଅଭିବୃଦ୍ଧିର ଭିତ୍ତିଭୂମି ସୃଷ୍ଟି କରିବ । ଏହି କାର୍ଯ୍ୟକ୍ରମ ଅନୁଯାୟୀ ଚଳିତ ଆର୍ଥିକ ବର୍ଷରେ ଭାରତ ସରକାର ବିନା ମୂଲ୍ୟରେ ୨ କୋଟି ୩୦ ଲକ୍ଷ ଟଙ୍କାର ୨୦,୦୦୦ ଟନ୍ ଗହମ ଯୋଗାଇ ଦେଇଛନ୍ତି । ଆଗାମି ବର୍ଷ ଏହା ଠାରୁ ଅଧିକ ପରିମାଣ ଗହମ ଯୋଗାଣର ପ୍ରତିଶ୍ରୁତି ମିଳିଛି ।

୮ । ଚଳିତ ବର୍ଷ ପୁରୀ ଜିଲ୍ଲାରେ କ୍ଷୁଦ୍ର ଚାଷୀ ଉନ୍ନୟନ ସଂସ୍ଥା ଜରିଆରେ ଏକ ନୂତନ ସାମୂହିକ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ ପାଇଁ ଭାରତ ସରକାରଙ୍କଠାରୁ ୭୧ ଲକ୍ଷ ୬ ହଜାର ଟଙ୍କା ସ୍ୱତନ୍ତ୍ର ସାହାଯ୍ୟ ମିଳିଛି । ଏହି କାର୍ଯ୍ୟକ୍ରମରେ କୃଷି ଓ ଆନୁସଙ୍ଗିକ କାର୍ଯ୍ୟବ୍ୟତୀତ ହସ୍ତତନ୍ତ ଓ ହସ୍ତଶିଳ୍ପ କାର୍ଯ୍ୟର ବ୍ୟବସ୍ଥା ହୋଇଥିବାରୁ ଏହା ଦ୍ୱାରା ଚାଷୀ ଓ ଗ୍ରାମ୍ୟ କାରିଗରମାନେ ଉପକୃତ ହେବେ । ଧନ୍ଦାମୂଳକ କାର୍ଯ୍ୟକ୍ରମ ଓ ଗ୍ରାମାଞ୍ଚଳର ବିକାଶ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିବାରୁ ଆସନ୍ତାବର୍ଷ ଏହା ପରିବର୍ଦ୍ଧିତ ହେବାର ଆଶା କରାଯାଏ ।

୯ । ମହାଶୟ, ଏହି ପୃଷ୍ଠଭୂମିରେ ମୁଁ ବର୍ତ୍ତମାନ ୧୯୭୭-୭୮ ର ସଂଶୋଧିତ ବ୍ୟୟ ଅଟକଳର କେତେକ ବୈଶିଷ୍ଟ୍ୟ ଗୃହରେ ଉପସ୍ଥାପିତ କରୁଛି । ଯଦିଓ ୧୯୭୭ ସେପ୍ଟେମ୍ବରରେ ଆଗତ କରାଯାଇଥିବା ବଜେଟରେ ପୂର୍ବରୁ ଗଡ଼ି ଆସୁଥିବା ୨୬ କୋଟି ୪୦ ଲକ୍ଷ ଟଙ୍କାର ନିଅଣ୍ଟ ପରିମାଣ ବୃଦ୍ଧି ପାଇବାର ଆଶଙ୍କା ନଥିଲା, ତଥାପି ଏହା ସଂଶୋଧିତ ଅଟକଳରେ ୩୪ କୋଟି ୭୮ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି । ମୁଖ୍ୟତଃ ପଞ୍ଚମ ଯୋଜନା କାଳର ଦେଣ ନେଣ ସଂକ୍ରାନ୍ତ ସୁଧ ବାବଦରେ କେନ୍ଦ୍ରୀୟ ଅନୁଦାନ ହ୍ରାସ ପାଇବାରୁ ଓ ୧୯୭୭ ସେପ୍ଟେମ୍ବର ପହିଲାଠାରୁ ମଞ୍ଜୁର କରାଯାଇଥିବା ମହଙ୍ଗାଭତ୍ତା ବାବଦରେ ଅଧିକ ବ୍ୟୟ ଫଳରେ ଏହି ନିଅଣ୍ଟ ପରିମାଣ ବୃଦ୍ଧି ପାଇଛି । ରାଜ୍ୟର ପବ୍ଲିକ୍ ଆକାଉଣ୍ଟ ମଧ୍ୟ ଓଡ଼ିଶା ଖଣି କର୍ପୋରେସନର ଆଭ୍ୟନ୍ତରୀଣ ବଳକା ପରିମାଣ କମିଥିବା ଫଳରେ ହ୍ରାସ ପାଇଛି । ଆନ୍ତର୍ଜାତିକ ବଜାରରେ କ୍ରୋମ୍ ପଥରର ଚାହିଦା ଅନିଶ୍ଚିତ ଥିବାବେଳେ ଏହା ଉପରେ ରପ୍ତାନୀ ଶୁଳ୍କ ଅତ୍ୟଧିକ ବୃଦ୍ଧି ଏବଂ ରପ୍ତାନୀ ପରିମାଣ ହ୍ରାସ ପାଇବାରୁ ତାଙ୍କ ଅଟକଳ କରା ଯାଇଥିବା ବଳକା ସମ୍ଭବ ହୋଇ ପାରିବ ନାହିଁ ।

୧୦ । ସଂଶୋଧିତ ଅଟକଳରେ ବକେୟା ଥିବା ୭ କୋଟି ୫୦ ଲକ୍ଷ ଟଙ୍କା ବିକ୍ରି ଟିକସ ଆଦାୟର ପ୍ରସ୍ତାବ ରହିଛି । କେନ୍ଦ୍ର ସରକାରୀ ଉଦ୍ୟୋଗରେ ପରିଚାଳିତ ଶିଳ୍ପ କାରଖାନା ମାନଙ୍କ ଉପରେ ବକେୟା ରହିଥିବା ବହୁ ପାଉଣା ଏପର୍ଯ୍ୟନ୍ତ ମିଳିନାହିଁ । ଏହି ସବୁ ପାଉଣା ଆଦାୟ ନିମନ୍ତେ ଆମେ ଉଦ୍ୟମ ଅବ୍ୟାହତ ରଖିବୁ । ଅନ୍ୟାନ୍ୟ ସରକାରୀ ଦେୟ, ବିଶେଷକରି ଜଳକର ଆଦାୟ ମଧ୍ୟ ସନ୍ତୋଷଜନକ ନୁହେଁ । ଟିକସ ଆଦାୟ ଉଦ୍ୟମକୁ ଆମେ ଆହୁରି ଦୃଢ଼ିଭୂତ କରୁଛୁ ଏବଂ ଆମର ଏ ଉଦ୍ୟମ ସଫଳ ହେବ ବୋଲି ମୋର ଆଶା ।

୧୧ । ଚଳିତ ବର୍ଷର ଅଟକଳ ହୋଇଥିବା ୩୪ କୋଟି ୭୮ ଲକ୍ଷ ଟଙ୍କାର ନିଅଣ୍ଟ ପରିମାଣ ୧୯୭୮-୭୯ର ପ୍ରାରମ୍ଭିକ ଜମା ହେବ ଓ ଏହାର ପ୍ରଭାବ ବର୍ଷସାରା ରହିବ ।

୧୨ । ୧୯୭୮-୭୯ ବଜେଟରେ ଅଣଯୋଜନା ରାଜସ୍ୱ ବ୍ୟୟ ପରିମାଣ ୩୦୧ କୋଟି ୨୧ ଲକ୍ଷ ଟଙ୍କା ଅଟକଳ କରାଯାଇଛି । ଏହା ୧୯୭୭-୭୮ର ସଂଶୋଧିତ ଅଟକଳ ତୁଳନାରେ ଶତକଡା ୪.୫ ଭାଗ (ଋଣ ବାବଦ ସୁଧ, ବ୍ୟବସାୟ ସଂକ୍ରାନ୍ତ ସୁଧ ଏବଂ ୧୯୭୭ ଜୁନ୍ ପରେ ମଞ୍ଜୁର କରାଯାଇଥିବା ମହଙ୍ଗାଭତ୍ତା ବ୍ୟତିତ) ବୃଦ୍ଧି ପାଇଛି । ଏହି ଅଟକଳ ଚଳିତ ବର୍ଷର ଖର୍ଚ୍ଚକାଟ ବ୍ୟବସ୍ଥାପ୍ରତି ଲକ୍ଷ୍ୟ ରଖି ପ୍ରସ୍ତୁତ କରାଯାଇଛି, ଯଦ୍ୱାରା ବ୍ୟୟର ପରିମାଣ ଯଥେଷ୍ଟ କମିଯାଇଛି । କିନ୍ତୁ ପ୍ରଶାସନିକ ଦକ୍ଷତାକୁ ଅବ୍ୟାହତ ରଖିବା ସଙ୍ଗେ ସଙ୍ଗେ ପ୍ରୟୋଜନୀୟ ସଂପ୍ରସାରଣ କାର୍ଯ୍ୟକ୍ରମ ଯେପରି ଅକ୍ଷୁର୍ଣ୍ଣ ରହେ ସେଥି ନିମନ୍ତେ ଯଥୋଚିତ

ବ୍ୟୟବୃଦ୍ଧିର ବ୍ୟବସ୍ଥା କରାଯାଇଛି । ଅଣ-ଯୋଜନା କ୍ୟାପିଟାଲ ହିସାବ କ୍ଷେତ୍ରରେ ବ୍ୟୟ ପରିମାଣ ୧୮୩ କୋଟି ୮୭ ଲକ୍ଷ ଟଙ୍କା ହେବ । ୧୯୭୭-୭୮ର ସଂଶୋଧିତ ଅଟକଳ ତୁଳନାରେ ଏହା ଯଥେଷ୍ଟ କମ୍ । ବଜାରରୁ ସଂଗୃହୀତ ଋଣ ପରିଶୋଧ ଓ ସାଧନୋପାୟ ଅଗ୍ରୀମ କାରବାରରେ ମୁଖ୍ୟତଃ ଏହି ହ୍ରାସ ଘଟିବ । ଏ କ୍ଷେତ୍ରରେ ଅପେକ୍ଷାକୃତ କମ୍ ଆୟ ଓ ବ୍ୟୟ ହିସାବକୁ ନିଆଯାଇଛି ।

୧୩ । ଅଣ-ଯୋଜନା ବାବଦ ଅର୍ଥ ବ୍ୟବସ୍ଥାରେ ଶିକ୍ଷାକୁ ପ୍ରାଧାନ୍ୟ ଦିଆଯାଇ ୬୯ କୋଟି ୮୦ ଲକ୍ଷ ଟଙ୍କାର ବ୍ୟବସ୍ଥା କରାଯାଇଛି । ପୋଲିସ ଖର୍ଚ୍ଚ ବାବଦରେ ୧୭ କୋଟି ୬୭ ଲକ୍ଷ ଟଙ୍କା ଓ ଜେଲ୍ ବାବଦରେ ୨ କୋଟି ୨୦ ଲକ୍ଷ ଟଙ୍କା ରଖାଯାଇଛି । ସୁଧ ଦେୟ ନିମନ୍ତେ ୪୬ କୋଟି ୩୯ ଲକ୍ଷ ଟଙ୍କାର ବ୍ୟବସ୍ଥା ରହିଛି ।

୧୪ । ୧୯୭୮-୭୯ ପାଇଁ ରାଜ୍ୟର ବାର୍ଷିକ ଯୋଜନାର ବ୍ୟୟ ପରିମାଣ ୧୯୧ କୋଟି ଟଙ୍କା ଧାର୍ଯ୍ୟ ହୋଇଛି । ଏହା ନୂତନ ମଧ୍ୟମ ମିଆଦୀ ଯୋଜନାର ଅୟମାରମ୍ଭ । ମାନ୍ୟବର ସଦସ୍ୟମାନେ ଲକ୍ଷ୍ୟ କରିବେ ଯେ ଚଳିତ ବର୍ଷର ମୂଳ ୧୫୦ କୋଟି ଟଙ୍କାର ଯୋଜନା ବ୍ୟୟ ବ୍ୟବସ୍ଥା ୧୯୭୬-୭୭ର ବ୍ୟୟ ବ୍ୟବସ୍ଥାର ଶତକଡା ୧୩ ଭାଗ ଅଧିକ ହୋଇଥିବା ସ୍ଥଳେ ୧୯୭୮-୭୯ର ୧୯୧ କୋଟି ଟଙ୍କାର ବ୍ୟୟ ବ୍ୟବସ୍ଥା ଚଳିତ ବର୍ଷ ତୁଳନାରେ ଶତକଡା ୨୭ ଭାଗ ଅଧିକ । ଆସନ୍ତା ଆର୍ଥିକ ବର୍ଷର ୧୯୧ କୋଟି ଟଙ୍କା ବ୍ୟୟ ବରାଦ ମଧ୍ୟରୁ ବଜେଟ୍‌ରେ ୧୫୪ କୋଟି ୧୫ ଲକ୍ଷ ଟଙ୍କା ପ୍ରତିଫଳିତ ହୋଇଛି, କାରଣ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ବାବଦରେ ରଖାଯାଇଥିବା ୩୬ କୋଟି ୮୫ ଲକ୍ଷ ଟଙ୍କା ସଂଗଠିତ ପାଣ୍ଠିର ଅନ୍ତର୍ଭୁକ୍ତ ନୁହେଁ । ବିଭିନ୍ନ ବିଭାଗ ପାଇଁ ଯୋଜନାର ଅର୍ଥବରାଦ ନିମ୍ନରେ ଦିଆଗଲା :—

| | | ଟଙ୍କା କୋଟି ହିସାବରେ | ଶତକଡା ହାର |
|---|---|---|---|
| (୧) କୃଷି, ଆନୁସଙ୍ଗିକ ସେବା ଓ ସମବାୟ | .. | ୪୩.୫୨ | ୨୨.୮୦ |
| (୨) ଜଳ ଓ ବିଦ୍ୟୁତ୍ ଉନ୍ନୟନ | .. | ୧୦୩.୦୦ | ୫୩.୯୩ |
| (୩) ଶିଳ୍ପ ଓ ଖଣି | .. | ୫.୩୦ | ୨.୭୭ |
| (୪) ପରିବହନ ଓ ଯୋଗାଯୋଗ | .. | ୧୦.୧୩ | ୫.୩୦ |
| (୫) ସାମାଜିକ ସେବା | .. | ୨୭.୫୨ | ୧୪.୪୦ |
| (୬) ଅର୍ଥନୈତିକ ଓ ବିବିଧ ସେବା | .. | ୧.୫୩ | ୦.୮୦ |
| ମୋଟ | .. | ୧୯୧.୦୦ | ୧୦୦.୦୦ |

୧୫ । କେନ୍ଦ୍ର ସରକାରଙ୍କ ଆନୁକୂଲ୍ୟରେ ପ୍ରବର୍ତ୍ତିତ ଯୋଜନା, ସ୍ୱତନ୍ତ୍ର ଅଣ-ଯୋଜନା ଓ କେନ୍ଦ୍ରୀୟ ଯୋଜନା କାର୍ଯ୍ୟକ୍ରମ ବାବଦରେ ବଜେଟ୍‌ରେ ୫୩ କୋଟି ୭ ଲକ୍ଷ ଟଙ୍କାର ଅତିରିକ୍ତ ଖର୍ଚ୍ଚ ମଧ୍ୟ ଦର୍ଶାଯାଇଛି । ଏହି ଖର୍ଚ୍ଚର ଅଧିକ ଭାଗ କେନ୍ଦ୍ର ସରକାରଙ୍କ ସାହାଯ୍ୟରୁ ତୁଳା ଯାଉଥିବାରୁ ଏହାର ଆର୍ଥିକ ଭାର ସ୍ୱଳ୍ପ ।

୧୬ । ସଙ୍ଗଠିତ ପାଣ୍ଠିରୁ ୭୦୬ କୋଟି ୧୨ ଲକ୍ଷ ଟଙ୍କାର ବ୍ୟୟ ପାଇଁ ଅର୍ଥ ବ୍ୟବସ୍ଥା କରିବା ସକାଶେ ରାଜ୍ୟର ଟିକସ ଓ ଅଣ-ଟିକସ ରାଜସ୍ୱରୁ ୧୪୪ କୋଟି ୪୫ ଲକ୍ଷ ଟଙ୍କା ଏବଂ ଷଷ୍ଠ ଅର୍ଥ କମିଶନ୍‌ଙ୍କ ନିଷ୍ପତ୍ତି ଅନୁଯାୟୀ କେନ୍ଦ୍ର ସରକାରଙ୍କ ଠାରୁ ମିଳୁଥିବା ୧୫୧ କୋଟି ୭୨ ଲକ୍ଷ ଟଙ୍କାକୁ ମିଶାଇ ଆୟ ୬୭୯ କୋଟି ୮୮ ଲକ୍ଷ ଟଙ୍କା ହେବ ବୋଲି ଅଟକଳ କରାଯାଇଛି ।

୧୭ । ମୋଟ ଯୋଜନା ଓ ଅଣ-ଯୋଜନା ଖର୍ଚ୍ଚ ଏବଂ ପ୍ରାକ୍‌କଳିତ ଆୟକୁ ଭିତ୍ତି କରି ଓ ୩୪ କୋଟି ୭୮ ଲକ୍ଷ ଟଙ୍କାର ପ୍ରାରମ୍ଭିକ ନିଅଣ୍ଟକୁ ବାଦଦେଇ ବଜେଟରେ ୧୨ କୋଟି ଟଙ୍କା ନିଅଣ୍ଟ ହୋଇଛି । ତେଣୁ ମୋଟ ୪୬ କୋଟି ୭୮ ଲକ୍ଷ ଟଙ୍କାର ନିଅଣ୍ଟ ବଜେଟରେ ଦର୍ଶାଯାଇଛି । ଏହି ନିଅଣ୍ଟର କେତେକାଂଶ ଆମ ନିଜ ପ୍ରଚେଷ୍ଟାରେ ଭରଣା କରିବା ପାଇଁ ଆସ୍ମମାନଙ୍କୁ କଠିନ ଉଦ୍ୟମ କରିବାକୁ ହେବ । ବିକ୍ରିକର ଏବଂ ଅନ୍ୟାନ୍ୟ ପାଉଣା ବାବଦରେ ବହୁଅର୍ଥ ଭାରତ ସରକାର ଓ କେତେକ ରାଷ୍ଟ୍ରାୟତ୍ତ ଉଦ୍ୟୋଗମାନଙ୍କ ଉପରେ ବାକି ପଡିଛି । ମୁଁ ଆଶା କରୁଛି ଯେ ବକେୟା ବିକ୍ରିକର ବାବଦରେ ୮ କୋଟି ଟଙ୍କା କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ ସଂସ୍ଥାମାନଙ୍କଠାରୁ ଆଦାୟ ହୋଇପାରେ । ତାହାଛଡ଼ା କଲେଜ ଶିକ୍ଷକମାନଙ୍କ ପାଇଁ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିସନ୍‌ଙ୍କ ପଞ୍ଚମ ଯୋଜନା ବେତନହାର କାର୍ଯ୍ୟକାରୀ କରିବା ପାଇଁ ଏକକୋଟି ପଚାଶଲକ୍ଷ ଟଙ୍କା ଏବଂ କେନ୍ଦ୍ରସରକାରଙ୍କ ଆନୁକୂଲ୍ୟରେ ପ୍ରବର୍ତ୍ତିତ ପରିକଳ୍ପନାଗୁଡ଼ିକୁ କାର୍ଯ୍ୟକାରୀ କରିବାପାଇଁ ୧ କୋଟି ୫୦ ଲକ୍ଷ ଟଙ୍କା କେନ୍ଦ୍ରସରକାରଙ୍କଠାରୁ ମିଳିପାରେ । ବାଲିମେଳା ଯୋଜନାରୁ ଯୋଗାଇ ଦିଆଯାଉଥିବା ବିଦ୍ୟୁତ୍ ଶକ୍ତିର ମୂଲ୍ୟ ବାବଦରେ ମଧ୍ୟ ୧ କୋଟିଟଙ୍କା ଆଦାୟ ହୋଇପାରେ । ଅବଶିଷ୍ଟ ଯେଉଁ ୩୪ କୋଟି ୭୮ ଲକ୍ଷ ଟଙ୍କା ନିଅଣ୍ଟ ରହିଲା ତାହା ଏବର୍ଷର ପ୍ରାରମ୍ଭିକ ନିଅଣ୍ଟ ସହିତ ସମାନ ଏବଂ ଏହା ଭରଣା କରିବା ପାଇଁ ଭାରତ ସରକାରଙ୍କଠାରୁ ବିଶେଷ ସାହାଯ୍ୟ ଆଶା କରିବା ଛଡା ଆମର ବିକଳ୍ପ ପନ୍ଥା ନାହିଁ । ଭାରତ ସରକାର ଆମକୁ ନିଶ୍ଚୟ ସାହାଯ୍ୟ କରିବେ ବୋଲି ମୁଁ ଆଶା କରେ ।

୧୮ । ରାଜ୍ୟ ଯୋଜନା ପାଇଁ ୧୧୦ କୋଟି ଟଙ୍କା, କେନ୍ଦ୍ର ସରକାରଙ୍କ ପ୍ରବର୍ତ୍ତିତ ଯୋଜନା ଓ କେନ୍ଦ୍ରୀୟ ଯୋଜନାମାନଙ୍କ ପାଇଁ ୪୯ କୋଟି ୭୬ ଲକ୍ଷ ଟଙ୍କା ଏବଂ ଆଦିବାସୀ ଅଞ୍ଚଳ ଉନ୍ନୟନ ପାଇଁ ବିଶେଷ ସାହାଯ୍ୟ ଆକାରରେ ୧୨ କୋଟି ୭୨ ଲକ୍ଷ ଟଙ୍କାର କେନ୍ଦ୍ରୀୟ ସାହାଯ୍ୟ ମିଳିବ ବୋଲି ଧରି ନିଆ ଯାଇଛି ।

୧୯ । ଖୋଲା ବଜାରରୁ ୮ କୋଟି ୨୫ ଲକ୍ଷ ଟଙ୍କା ଋଣ ଓ ସ୍ୱଳ୍ପ ସଂଚୟଯୋଜନାରୁ ଆଉ ୮ କୋଟି ୫୦ ଲକ୍ଷ ଟଙ୍କା ମିଳିବ ବୋଲି ଆଶା କରାଯାଏ । ଏହାଛଡା ରିଜର୍ଭ ବ୍ୟାଙ୍କ୍ ଓ ଜୀବନବୀମା କର୍ପୋରେସନ୍‌ରୁ ୪ କୋଟି ୧୫ ଲକ୍ଷ ଟଙ୍କା ଋଣ ମିଳିବ ବୋଲି ମଧ୍ୟ ସରକାର ଆଶା କରନ୍ତି ।

୨୦ । ପଞ୍ଚମ ଯୋଜନା କାଳରେ ରାଜ୍ୟ ସରକାରଙ୍କ ଋଣ ଉଠାଣ ଓ ବଣ୍ଟନ ଜନିତ ନିଟ୍ ସୁଧ ଦେୟର ପରିମାଣ ଷଷ୍ଠ ଅର୍ଥ କମିଶନ୍ ନିର୍ଦ୍ଧାରଣ କରିପାରି ନଥିଲେ । ଭାରତ ସରକାରଙ୍କ ଦ୍ୱାରା କରାଯାଇଥିବା ଅର୍ଥ ବଣ୍ଟନକୁ ଭିତ୍ତିକରି ୧୩ କୋଟି ୭୬ ଲକ୍ଷ ଟଙ୍କା ମିଳିବ ବୋଲି ବଜେଟ୍‌ରେ ଧରା ଯାଇଛି ।

୨୧ । ରାଜ୍ୟର ପବ୍ଲିକ୍ ଆକାଉଣ୍ଟରୁ ନିଟ୍ ୧୪ କୋଟି ୨୪ ଲକ୍ଷ ଟଙ୍କା ବଳକା ମିଳିବ ବୋଲି ଆଶା କରାଯାଏ ।

୨୨ । ମୁଁ ବଜେଟ୍‌କୁ ଏପରି ଭାବରେ ପ୍ରସ୍ତୁତ କରିବାକୁ ଚେଷ୍ଟା କରିଛି ଯାହାକି ରାଜସ୍ୱ ଖର୍ଚ୍ଚର ହ୍ରାସ ଘଟାଇ ମୂଳଧନ ବୃଦ୍ଧିରେ ସହାୟକ ହେବ । ୧୯୭୬-୭୭ ତୁଳନାରେ ୧୯୭୭-୭୮ ରେ ରାଜ୍ୟର ଖର୍ଚ୍ଚ ଶତକଡ଼ା ୧୪'୭୪ ଭାଗ ବଢିଥିବା ସ୍ଥଳେ ଚଳିତବର୍ଷ ତୁଳନାରେ ୧୯୭୮-୭୯ରେ ଉକ୍ତଖର୍ଚ୍ଚ ଶତକଡ଼ା ୧୮'୪୬ ଭାଗ ବଢିବ ବୋଲି ଅନୁମାନ । କିନ୍ତୁ ରାଜସ୍ୱ ବ୍ୟୟ ବୃଦ୍ଧିକୁ ଏପରି ସଂଯମିତ କରିବା ପାଇଁ ଚେଷ୍ଟା କରାଯାଇଛି ଯଦ୍ୱାରାକି ଚଳିତ ବର୍ଷର ରାଜସ୍ୱ ଖର୍ଚ୍ଚ

ସମୁଦାୟ ବଜେଟ୍‌ର ଶତକଡ଼ା ୭୨.୦୫ ଭାଗ ହୋଇଥିବା ସ୍ଥଳେ ୧୯୭୮-୭୯ ବଜେଟରେ ଅନୁରୂପ ଖର୍ଚ୍ଚ ଶତକଡ଼ା ୬୯.୭୫ ଭାଗ ହେବ । ତଦନୁଯାୟୀ ଚଳିତ ବର୍ଷ ବଜେଟ୍‌ରେ ମୂଳଧନ ଖର୍ଚ୍ଚ ଶତକଡ଼ା ୨୭.୯୫ ଭାଗ ହୋଇଥିବା ସ୍ଥଳେ ୧୯୭୮-୭୯ ରେ ତାହା ଶତକଡ଼ା ୩୦.୨୫ ଭାଗ ହେବ ।

୨୩ । ଯେଉଁ ସବୁ କଠିନ ସମସ୍ୟାର ଆମେ ଉତ୍ତରାଧିକାରୀ ହୋଇଛୁ ଯଥା ଉତ୍କଟ ଦାରିଦ୍ର୍ୟ, କ୍ରମବର୍ଦ୍ଧମାନ ବେକାରୀ ଓ ଆୟର ବ୍ୟାପକ ବୈଷମ୍ୟ, ତାହା ସୁସ୍ପଷ୍ଟ । ଉକ୍ତ ସମସ୍ୟା ଗୁଡ଼ିକ ତତ୍‌କାଳୀନ ଅନୁସୃତ ଅର୍ଥନୈତିକ ଦୃଷ୍ଟିଭଙ୍ଗୀ ସହ ଜଡ଼ିତ । ଗୁରୁଶିଳ୍ପ ଓ ବ୍ୟାପକ ମୂଳଧନ ଉପରେ ଆଧାରିତ ବ୍ୟବସ୍ଥାର ପରିଣାମ ହେଉଛି ଆୟର ଅସମ ବଣ୍ଟନ ଓ ବର୍ଦ୍ଧମାନ ବେକାରୀ । ଏହି ବ୍ୟବସ୍ଥା ଅନୁକୂଳ ହେଉନଥିବାରୁ ଆମେ ଏକ ମଧ୍ୟମ ପନ୍ଥା ଗ୍ରହଣ କରିବାକୁ ସ୍ଥିର କରିଛୁ । ଏଣୁ ଆମେ କୃଷି ଓ ଗ୍ରାମ୍ୟ ଶିଳ୍ପ ଉପରେ ଗୁରୁତ୍ୱ ଦେଇଛୁ । ଫଳରେ ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି ହେବା ସଙ୍ଗେ ସଙ୍ଗେ ଶ୍ରମବହୁଳ ଶିଳ୍ପ କାରଖାନାରୁ ସର୍ବସାଧାରଣ ଉପଯୋଗୀ ସାମଗ୍ରୀ ସ୍ୱଳ୍ପ ମୂଲ୍ୟରେ ଉତ୍ପାଦିତ ହୋଇ ପାରିବ । ଆମେ ଯୋଜନାରେ ଯେଉଁ ପରିକଳ୍ପନାର ଗୁରୁତ୍ୱ ଦେଇଛୁ ତାହା ହେଉଛି ସ୍ଥାନୀୟ ଚାହିଦା ପୂରଣ କରି ଆଞ୍ଚଳିକ ବିକାଶ ସାଧନ କରିବା ।

୨୪ । ଯଦିଓ ଆମ ରାଜ୍ୟରେ କୃଷିହିଁ ପ୍ରଧାନ ଅର୍ଥନୈତିକ କର୍ମସଂସ୍ଥା ତଥାପି ଆମର କୃଷି ଉତ୍ପାଦନର ବୃଦ୍ଧିହାର ସମଗ୍ର ଦେଶରେ ନ୍ୟୁନତମ ମଧ୍ୟରେ ଅନ୍ୟତମ । ତେଣୁ କୃଷି ଉତ୍ପାଦନ ବୃଦ୍ଧି କରିବା ଆମର ସର୍ବ ପ୍ରଧାନ କାର୍ଯ୍ୟ । ଆନ୍ତର୍ଜାତିକ ବିଶେଷଜ୍ଞମାନଙ୍କର ପରାମର୍ଶରେ ଆମେ ସଂପ୍ରତି କୃଷି ସଂପ୍ରସାରଣ ସଂସ୍ଥାକୁ ପୁନର୍ଗଠନ କରିଛୁ ଏବଂ କୃଷି ଗବେଷଣା ବ୍ୟବସ୍ଥାକୁ ମଧ୍ୟ ସୁଦୃଢ଼ କରିଛୁ । ଉକ୍ତ ବ୍ୟବସ୍ଥା କାର୍ଯ୍ୟକାରୀ ହେଲେ ଆମର କୃଷି ଉତ୍ପାଦନ ଯଥେଷ୍ଟ ପରିମାଣରେ ବୃଦ୍ଧି ପାଇବ ବୋଲି ଆମେ ଆଶାକରୁ । ଗ୍ରାମ୍ୟ ଅର୍ଥନୀତିର ସଂପ୍ରସାରଣ ଓ କ୍ଷୁଦ୍ର ଚାଷୀମାନଙ୍କ ଆର୍ଥିକ ସ୍ୱଚ୍ଛଳତା ପାଇଁ ଫଳଚାଷ, ଗୋପାଳନ, ମତ୍ସ୍ୟଚାଷ ଓ ଜଙ୍ଗଲ ଉତ୍ପାଦନ ଉପରେ ଆମେ ଗୁରୁତ୍ୱ ଦେଇଛୁ । ସେହିପରି ସମବାୟ କ୍ଷେତ୍ରକୁ ମଧ୍ୟ ଉନ୍ନତ କରିବା ଏକାନ୍ତ ଆବଶ୍ୟକ । କାରଣ ଏତଦ୍ୱାରା ଚାଷୀମାନଙ୍କୁ ଆବଶ୍ୟକୀୟ ଋଣ ଯୋଗାଇ ଦିଆଯାଇ ପାରିବ । ସମବାୟ ଓ କ୍ଷୁଦ୍ର ଜଳସେଚନ ସମେତ କୃଷି ଓ ଆନୁସଙ୍ଗିକ ସେବା ବାବଦରେ ବଜେଟ୍‌ରେ ୪୩ କୋଟି ୫୨ ଲକ୍ଷ ଟଙ୍କାର ବ୍ୟବସ୍ଥା କରାଯାଇଛି । ଆସନ୍ତା ବର୍ଷ ଧାନ ପ୍ରଭୃତି ମୁଖ୍ୟ ଶସ୍ୟର ଉତ୍ପାଦନ ବୃଦ୍ଧି ସଙ୍ଗେ ସଙ୍ଗେ ଡ଼ାଲି, ତୈଳବୀଜ ଓ ଅର୍ଥକାରୀ ଫସଲ ମଧ୍ୟ ଅଧିକ ଜମିରେ ଚାଷ କରାଯିବ । ଅଳ୍ପ ଦିନରେ ଅମଳ ହେଉଥିବା ଅଧିକ ଅମଳକ୍ଷମ ଧାନଚାଷ ଆହୁରି ବ୍ୟାପକ କରାଯିବ ଯଦ୍ୱାରାକି ସଅଳ ବୁଣା ଓ ରୁଆ କାର୍ଯ୍ୟ ଲୋକପ୍ରିୟ ହୋଇ ପାରିବ ଏବଂ ତା ପରେ ଦ୍ୱିତୀୟ ଫସଲ ପାଇଁ ଜମି ବ୍ୟବହାର ହୋଇ ପାରିବ । ମୃତ୍ତିକା ସଂରକ୍ଷଣ କାର୍ଯ୍ୟକ୍ରମକୁ ମଧ୍ୟ ସକ୍ରିୟ କରାଯିବ । ତତ୍ ସହିତ ଜମି ଜମା ରେକର୍ଡକୁ ସଂଶୋଧନ ଏବଂ ଚକବନ୍ଦୀ କାର୍ଯ୍ୟକ୍ରମକୁ ମଧ୍ୟ ତ୍ୱରାନ୍ୱିତ କରାଯିବ ।

୨୫ । ଉନ୍ନତ କୃଷି ପାଇଁ ଜଳସେଚନ ଅପରିହାର୍ଯ୍ୟ ଏବଂ ଅର୍ଥନୈତିକ ପ୍ରଗତି ପାଇଁ ଜଳସେଚନ ବ୍ୟବସ୍ଥାରେ ଅର୍ଥ ବିନିଯୋଗ ଅତୀବ ଗୁରୁତ୍ୱପୂର୍ଣ୍ଣ । ଆମ ଖାଦ୍ୟ ଭଣ୍ଡାରର ଅଭିବୃଦ୍ଧି ଘଟାଇବା ଓ ଅର୍ଥନୀତିକୁ ପ୍ରଭାବିତ କରିବା ନିମନ୍ତେ ବ୍ୟାପକ ଜଳ ସଂପଦର ପୂର୍ଣ୍ଣ ଉପଯୋଗ କରିବାକୁ ଆମେ ପ୍ରସ୍ତାବ ରଖିଛୁ । ଜଳସେଚନ ପାଇଁ ବଜେଟ୍‌ରେ ୪୮ କୋଟି ୮୦ ଲକ୍ଷ ଟଙ୍କାର ବ୍ୟବସ୍ଥା କରାଯାଇଛି, ଯାହାକି ସମସ୍ତ ଯୋଜନା ବ୍ୟୟ ବରାଦର ଶତକଡ଼ା ପ୍ରାୟ ସାଢ଼େ ୨୫ ଭାଗ । ଏହା ବ୍ୟତୀତ, କୃଷି ଅର୍ଥ ପୁନର୍ଲଗାଣ ଓ ଉନ୍ନୟନ କର୍ପୋରେସନ୍ ରାଜ୍ୟର ଉଠା ଜଳସେଚନ କର୍ପୋରେସନ୍‌କୁ

ଆର୍ଥିକ ସାହାଯ୍ୟ ଯୋଗାଇ ଦେବା ଫଳରେ ଏହା ଅଧିକ ପରିବର୍ଦ୍ଧିତ ହେବ । ନିର୍ମାଣ ଅବସ୍ଥାରେ ଥିବା ବୃହତ୍ ଓ ମଧ୍ୟମ ଜଳସେଚନ ଯୋଜନାଗୁଡ଼ିକୁ ସଂପୂର୍ଣ୍ଣ କରିବା ସଙ୍ଗେ ସଙ୍ଗେ କ୍ଷୁଦ୍ର ଓ ଉଠା ଜଳସେଚନ ଯୋଜନାଗୁଡ଼ିକୁ ମଧ୍ୟ ଅଗ୍ରାଧିକାର ଦିଆଯିବ । ସେଚନ ଉପଯୋଗୀ ଜମିର ଉନ୍ନୟନ ଦିଗରେ ବିଶେଷ ଧ୍ୟାନ ଦିଆଯିବ । ବର୍ତ୍ତମାନ ନିର୍ମାଣ ଅବସ୍ଥାରେ ଥିବା ଜଳସେଚନ ଯୋଜନାଗୁଡ଼ିକର କାର୍ଯ୍ୟ ଚାଲୁ ରଖିବା ସଙ୍ଗେ ସଙ୍ଗେ ୩ଟି ବୃହତ୍ ଜଳସେଚନ ଯୋଜନା (ରେଙ୍ଗାଲି, ଉପର ଇନ୍ଦ୍ରାବତୀ ଏବଂ ମହାନଦୀ ବ୍ୟାରେଜ୍) ଓ ୩ଟି ମଧ୍ୟମ ଧରଣର ଜଳସେଚନ ଯୋଜନା, ବଡ଼ନଳା, ହରଭଙ୍ଗୀ ଓ କଂଝରୀର କାର୍ଯ୍ୟ ଆସନ୍ତା ବର୍ଷ ହାତକୁ ନେବା ପାଇଁ ପ୍ରସ୍ତାବ ରହିଛି । ଚଳିତ ବର୍ଷ ୯୬ ହଜାର ହେକ୍ଟର ସ୍ଥଳେ ଆସନ୍ତା ବର୍ଷ ବୃହତ୍, ମଧ୍ୟମ, କ୍ଷୁଦ୍ର ଜଳସେଚନ ଯୋଜନା ଓ ସେଚ କୂପ ମାଧ୍ୟମରେ ୧ ଲକ୍ଷ ୯୨ ହଜାର ହେକ୍ଟର ଅଧିକ ଜମିକୁ ଜଳ ଯୋଗାଇ ଦେବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଆସନ୍ତା ବର୍ଷ ଜଳସେଚନର ପରିମାଣ ଚଳିତ ବର୍ଷ ଅପେକ୍ଷା ଦ୍ୱିଗୁଣିତ ହେବ ।

୨୬ । ଓଡ଼ିଶାରେ ବିପୁଳ ଜଳ ଓ ବିଦ୍ୟୁତ୍ ସମ୍ବଳ ରହିଛି । ଆମେ ଏହାକୁ ପୂର୍ଣ୍ଣ ଭାବରେ ବିନିଯୋଗ କରି ଆସନ୍ତା ଅଳ୍ପ କେତେ ବର୍ଷ ମଧ୍ୟରେ ଅଧିକ ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରିବାକୁ ପ୍ରସ୍ତାବ ରଖିଛୁ । ଚଳିତବର୍ଷ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ଓ ବଣ୍ଟନ ପାଇଁ ଯୋଜନାରେ ୫୬ କୋଟି ୮୧ ଲକ୍ଷ ଟଙ୍କା ବ୍ୟୟ ବରାଦ ଥିବାସ୍ଥଳେ ଆସନ୍ତା ଆର୍ଥିକ ବର୍ଷରେ ରାଜ୍ୟ ବିଦ୍ୟୁତ୍ ବୋର୍ଡର ୩୩ କୋଟି ୮୦ ଲକ୍ଷ ଟଙ୍କା ସମେତ ଏ ବାବଦରେ ୬୮ କୋଟି ଟଙ୍କା ବର୍ଦ୍ଧିତ ବ୍ୟୟ ଅଟକଳ କରାଯାଇଛି । ବର୍ତ୍ତମାନ ନିର୍ମିତ ହେଉଥିବା ତାଳଚେର ତାପଜ ବିଦ୍ୟୁତ୍ କେନ୍ଦ୍ରର ସଂପ୍ରସାରଣ ଯୋଜନା, ରେଙ୍ଗାଲି ଜଳ ବିଦ୍ୟୁତ୍ ଯୋଜନା ଏବଂ ଉପର କୋଲାବ ଜଳ ବିଦ୍ୟୁତ୍ ଯୋଜନାଗୁଡ଼ିକର କାର୍ଯ୍ୟ ୧୯୮୨-୮୩ ମସିହା ସୁଦ୍ଧା ସଂପୂର୍ଣ୍ଣ ହେବ ବୋଲି ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ବହୁ ଦିନର ଆକାଂକ୍ଷିତ ବୃହତ୍ ଓ ବହୁମୁଖୀ ଉପର ଇନ୍ଦ୍ରାବତୀ ଯୋଜନାର କାର୍ଯ୍ୟ ମଧ୍ୟ ଆସନ୍ତା ଆର୍ଥିକ ବର୍ଷରେ ଆରମ୍ଭ ହେବ ।

୨୭ । ଗ୍ରାମ୍ୟ ବିଦ୍ୟୁତ୍‌କରଣ ଯୋଜନା ମଧ୍ୟ ତ୍ୱରାନ୍ୱିତ କରାଯିବ । ଚଳିତ ବର୍ଷ ୧,୨୦୦ ଗ୍ରାମ ସ୍ଥଳେ ଆସନ୍ତା ବର୍ଷ ୨,୨୫୦ ଗ୍ରାମକୁ ବିଦ୍ୟୁତ୍ ଶକ୍ତି ଯୋଗାଇ ଦିଆଯିବ । ସେହିପରି ବର୍ତ୍ତମାନ ସୁଦ୍ଧା ବିଦ୍ୟୁତ୍‌କରଣ ହୋଇଥିବା ୬ ହଜାର ପମ୍ପସେଟ୍ ସ୍ଥଳେ ଆସନ୍ତା ବର୍ଷ ଦଶ ହଜାର ପମ୍ପସେଟ୍‌କୁ ବିଦ୍ୟୁତ୍ ଶକ୍ତି ଯୋଗାଇ ଦିଆଯିବ ।

୨୮ । ଏହି ଅବସରରେ ମାନ୍ୟବର ସଭ୍ୟମାନଙ୍କ ଅବଗତି ନିମନ୍ତେ ଜଣାଇ ଦେବାକୁ ଚାହେଁ ଯେ ଜଳସେଚନ ପାଇଁ ଯୋଜନାରେ ବ୍ୟୟ ବରାଦ ଅଧିକ ପରିମାଣରେ କରାଯାଉଥିଲେ ହେଁ ଏବଂ ଭବିଷ୍ୟତରେ ଏ ଉଦ୍ୟମ ଅବ୍ୟାହତ ରଖିବାର ସମ୍ଭାବନା ଥିଲେ ମଧ୍ୟ ବିନିଯୋଗ ହେଉଥିବା ଅର୍ଥ ତୁଳନାରେ ଯଥେଷ୍ଟ ଆୟ ହୋଇ ପାରିନାହିଁ । ବିଶେଷକରି ବ୍ୟବସାୟ ଭିତ୍ତିକ ଜଳସେଚନରୁ ଆୟ ଖୁବ୍ କମ୍ । ଯଦି ଏହି ସମସ୍ୟାର ଶୀଘ୍ର ସମାଧାନ ନହୁଏ ଏବଂ ଉପକୃତ ହେଉଥିବା ଲୋକମାନଙ୍କଠାରୁ ଉଚିତ୍ ପାଉଣା ଆଦାୟ କରାନଯାଏ, ତେବେ ଭବିଷ୍ୟତରେ ଜଳସେଚନ ବ୍ୟବସ୍ଥା ପାଇଁ ଅଧିକ ଅର୍ଥ ବିନିଯୋଗର ବ୍ୟୟଭାର ବହନ କରିବା କଷ୍ଟସାଧ୍ୟ ହେବ ।

୨୯ । ଶିଳ୍ପ କ୍ଷେତ୍ରରେ ଗ୍ରାମ୍ୟ ଓ କ୍ଷୁଦ୍ର ଶିଳ୍ପ ପ୍ରସାରକୁ ଅଧିକ ପ୍ରାଧାନ୍ୟ ଦିଆଯିବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ଶିଳ୍ପ ଉନ୍ନୟନ ଦିଗରେ ମଧ୍ୟ ଆବଶ୍ୟକୀୟ ଅର୍ଥ ବିନିଯୋଗ କରାଯାଇ ପ୍ରୋତ୍ସାହନ ଦିଆଯିବ । ନୂତନ ଶିଳ୍ପନୀତିରେ ଗ୍ରାମାଞ୍ଚଳମାନଙ୍କରେ ଅଧିକ ପୁଞ୍ଜି ଲଗାଣ କରି

ଶିଳ୍ପ ଅଭିବୃଦ୍ଧି ପାଇଁ ଲକ୍ଷ୍ୟ ରଖାଯାଇଛି । ଯଦ୍ୱାରାକି କର୍ମ ନିଯୁକ୍ତି ଦିଗରେ ଅଧିକ ସୁବିଧା ସୁଯୋଗ ସୃଷ୍ଟି ହୋଇପାରିବ ଏବଂ ସହର ଓ ମଫସଲ ମଧ୍ୟରେ ଥିବା ବୈଷମ୍ୟ ଦୂର ହୋଇ ପାରିବ । ବଜେଟ୍‌ରେ କ୍ଷୁଦ୍ର ଓ କୁଟୀର ଶିଳ୍ପର ପ୍ରସାର ପାଇଁ ୨ କୋଟି ୪୦ ଲକ୍ଷ ଟଙ୍କା ଏବଂ ବୃହତ୍ ଓ ମଧ୍ୟମ ଧରଣର ଶିଳ୍ପପାଇଁ ୨ କୋଟି ୮୮ ଲକ୍ଷ ଟଙ୍କା ବ୍ୟବସ୍ଥା କରାଯାଇଛି ।

୩୦ । ସୁସଂଗଠିତ ଯୋଗାଯୋଗ ବ୍ୟବସ୍ଥା ଯଥା ଜାତୀୟ ରାଜପଥ, ସଂଯୋଗକାରୀ ରାସ୍ତା ଓ ଅନ୍ୟାନ୍ୟ ଶାଖା ସଡ଼କ ଆମ ଅର୍ଥନୈତିକ ପ୍ରଗତିର ଭିତ୍ତିଭୂମି । ବଜାରମାନଙ୍କୁ ସଂଯୋଗ କରୁଥିବା ଗ୍ରାମ୍ୟ ରାସ୍ତାଗୁଡ଼ିକର ଉନ୍ନୟନ ଉପରେ ମଧ୍ୟ ଆମେ ଗୁରୁତ୍ୱ ଦେଉଛୁ । ଗ୍ରାମାଞ୍ଚଳରେ ରାସ୍ତା ଯୋଗାଯୋଗର ଗୁରୁତ୍ୱ ଥିଲେ ମଧ୍ୟ ଅତୀତରେ ଏ କ୍ଷେତ୍ରରେ ଯଥୋଚିତ ଅର୍ଥ ବିନିଯୋଗ କରାଯାଇ ନାହିଁ । ଏହି ବୈଷମ୍ୟ ଦୂରୀକରଣ ପାଇଁ ବଜେଟ୍‌ରେ ଗ୍ରାମ୍ୟ ରାସ୍ତା ନିର୍ମାଣ ଓ ଉନ୍ନୟନ ନିମନ୍ତେ ୨ କୋଟି ୩୫ ଲକ୍ଷ ଟଙ୍କାର ପ୍ରସ୍ତାବ ରଖାଯାଇଛି । ପୂର୍ତ୍ତ ବିଭାଗ ରାସ୍ତାଗୁଡ଼ିକର ଉନ୍ନୟନ ପାଇଁ ମଧ୍ୟ ୫ କୋଟି ୪୫ ଲକ୍ଷ ଟଙ୍କାର ବ୍ୟୟ ବରାଦ ହୋଇଛି ।

୩୧ । ପାନୀୟ ଜଳ ଲୋକଙ୍କର ଅତ୍ୟାବଶ୍ୟକୀୟ ପ୍ରୟୋଜନ । ସୁତରାଂ ସରକାର ପ୍ରତି ଗ୍ରାମରେ ପାନୀୟ ଜଳଯୋଗାଇ ଦେବାକୁ ଦୃଢ଼ ସଂକଳ୍ପ । ଚଳିତ-ବର୍ଷ ଏ ଦିଗରେ ଅଧିକ ବ୍ୟୟ କରି ଆମେ ନିଷ୍ଠାର ସହ କାର୍ଯ୍ୟ ଆରମ୍ଭ କରିଛୁ ଏବଂ ଅଳ୍ପ ସମୟ ମଧ୍ୟରେ କ୍ରମାଗତ ଆର୍ଥିକ ବ୍ୟବସ୍ଥାକୁ ଆହୁରି ବୃଦ୍ଧି କରି ହରିଜନ ବସ୍ତିସହ ସମସ୍ତ ଗ୍ରାମରେ ଏହି ସୁବିଧା ଦେବା ନିମନ୍ତେ ପ୍ରସ୍ତାବ ରଖିଛୁ । ଏହି ଉଦ୍ଦେଶ୍ୟରେ ବଜେଟ୍‌ରେ ୩ କୋଟି ୬୧ ଲକ୍ଷ ଟଙ୍କାର ବ୍ୟବସ୍ଥା କରାଯାଇଛି । ଭାରତ ସରକାରଙ୍କଠାରୁ ସ୍ୱତନ୍ତ୍ର ସାହାଯ୍ୟ ଜରିଆରେ ଏହି ଅର୍ଥ ପରିମାଣ ଆହୁରି ବଢ଼ିଯିବାର ସମ୍ଭାବନା ରହିଛି ।

୩୨ । ଜନସାଧାରଣଙ୍କ ସ୍ୱାସ୍ଥ୍ୟର ମାନବୃଦ୍ଧି ଏବଂ ସମସ୍ତଙ୍କ ପାଇଁ, ବିଶେଷ କରି ମଫସଲ ଅଞ୍ଚଳରେ, ଚିକିତ୍ସା ସୁବିଧାର ସଂପ୍ରସାରଣ ଆମର ନୀତି । ପୁଷ୍ଟିହୀନତା ଯେପରି ଗୁରୁତର ଆକାର ଧାରଣ କରିଛି ତାକୁ ଯଥୋଚିତ ଭାବରେ ନିୟନ୍ତ୍ରଣ କରିବାକୁ ହେବ । ଜନସଂଖ୍ୟା ଯାହାକି ବର୍ତ୍ତମାନ ବର୍ଷକୁ ଶତକଡ଼ା ୨·୫ ହାରରେ ବୃଦ୍ଧି ପାଉଛି ତାହା ଅର୍ଥନୈତିକ ପ୍ରଗତିରୁ ମିଳୁଥିବା ସୁଫଳକୁ ନିଷ୍ଫଳ କରିଦେଉଛି । ତେଣୁ ପରିବାର କଲ୍ୟାଣ ଯୋଜନାକୁ ପୂର୍ଣ୍ଣ ଭାବରେ କାର୍ଯ୍ୟକାରୀ କରି ଜନ୍ମହାରକୁ ଏକ ନିର୍ବାହ-ଯୋଗ୍ୟ ସ୍ତରକୁ କମାଇବା ଆମର ଲକ୍ଷ୍ୟ । ୧୯୭୮-୭୯ ବଜେଟ୍‌ରେ ସ୍ୱାସ୍ଥ୍ୟ ଓ ଚିକିତ୍ସା ପାଇଁ ୩ କୋଟି ୬୮ ଲକ୍ଷ ଟଙ୍କାର ବର୍ଦ୍ଧିତ ବ୍ୟୟ ବରାଦ କରାଯାଇଛି । ଏହା ବ୍ୟତୀତ ପରିବାର କଲ୍ୟାଣ ଏବଂ ସଂକ୍ରାମକ ରୋଗଗୁଡ଼ିକର ନିରାକରଣ ପାଇଁ କେନ୍ଦ୍ରୀୟ ଯୋଜନା ବାବଦରେ କେନ୍ଦ୍ର ସରକାରଙ୍କ ଠାରୁ ମଧ୍ୟ ଯଥେଷ୍ଟ ସାହାଯ୍ୟ ମିଳିବ ।

୩୩ । ଶିକ୍ଷା କ୍ଷେତ୍ରରେ ନିରକ୍ଷରତାର ଦୂରୀକରଣ ଆମର ଲକ୍ଷ୍ୟ । ସୁତରାଂ ପ୍ରାଥମିକ ଶିକ୍ଷାକୁ ଆମେ ଅଗ୍ରାଧିକାର ଦେଇଛୁ । ଶିକ୍ଷା ପାଇଁ ବଜେଟ୍‌ରେ ଅଣଯୋଜନା ବ୍ୟୟ ବାବଦ ୬୯ କୋଟି ୮୦ ଲକ୍ଷ ଟଙ୍କା ଏବଂ ଯୋଜନା ବାବଦ ୧୧ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି ।

୩୪ । ବାସଗୃହ ବ୍ୟବସ୍ଥା ଯୋଜନାରେ ଘରଡ଼ିହ ନଥିବା ବ୍ୟକ୍ତିମାନଙ୍କୁ ଘରଡ଼ିହ ଯୋଗାଇବା ଏବଂ ଦୁର୍ବଳ ଶ୍ରେଣୀ ଓ ନିମ୍ନ ଓ ମଧ୍ୟମ ଆୟକାରୀ ଲୋକମାନଙ୍କ ପାଇଁ ସ୍ୱଳ୍ପ ମୂଲ୍ୟର ବାସଗୃହ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯାଉଅଛି । ଗୃହ ନିର୍ମାଣ ବୋର୍ଡର କାର୍ଯ୍ୟକଳାପ କ୍ରମେ ବୃଦ୍ଧି ପାଉଅଛି । ବଜେଟରେ ବାସଗୃହ ନିର୍ମାଣ ଯୋଜନା ପାଇଁ ୧ କୋଟି ୫୨ ଲକ୍ଷ ଟଙ୍କା ରଖାଯାଇଛି ।

୩୫ । ଶ୍ରମିକ ଶ୍ରେଣୀର ସ୍ୱାର୍ଥ ରକ୍ଷା ଏବଂ ସେମାନଙ୍କର ନ୍ୟାୟୋଚିତ ଅଧିକାର ଗୁଡ଼ିକର ସୁରକ୍ଷା ସରକାରଙ୍କର ଆଭିମୁଖ୍ୟ ଅଟେ । କିନ୍ତୁ ଶିଳ୍ପ ସଂସ୍ଥାଗୁଡ଼ିକ ଯଦି ବିଶୃଙ୍ଖଳା ହେତୁ ଉତ୍ପାଦନ କମାଇ ଦେବାକୁ ଅଥବା କାରଖାନା ବନ୍ଦ କରିଦେବାକୁ ବାଧ୍ୟ ହୁଅନ୍ତି ତାହେଲେ ଶ୍ରମିକ ଶ୍ରେଣୀର କଲ୍ୟାଣ ସାଧନ ହୋଇ ପାରିବ ନାହିଁ । ଶ୍ରମିକମାନଙ୍କ ସ୍ଥିତିର ଉନ୍ନତି ପାଇଁ ରାଜ୍ୟ ସରକାର ଜରୁରୀକାଳୀନ ଅବସ୍ଥା ସମୟରେ କର୍ମଚ୍ୟୁତ ହୋଇଥିବା ଶ୍ରମିକଙ୍କୁ ପୁନଃ ନିଯୁକ୍ତି ଦେବା, ସର୍ବନିମ୍ନ ବୋନସ ମଞ୍ଜୁର କରିବା ଏବଂ ତ୍ରିପାକ୍ଷିକ ଆଲୋଚନା ପୁନଃ ପ୍ରବର୍ତ୍ତନ କରିବା ଇତ୍ୟାଦି କେତେକ ବ୍ୟବସ୍ଥା ଗ୍ରହଣ କରିଛନ୍ତି । ଆମେ ଆଶା କରୁ ଯେ ସେମାନେ ନିଷ୍ଠାର ସହିତ ସେମାନଙ୍କର ସାମାଜିକ ଦାୟିତ୍ୱ ତୁଲାଇବେ ।

୩୬ । ଆମର ଅତ୍ୟନ୍ତ ଜରୁରୀ ସମସ୍ୟା ଗୁଡ଼ିକ ମଧ୍ୟରେ ବେକାର ସମସ୍ୟା ଅନ୍ୟତମ । ଓଡ଼ିଶାରେ ୧୯୭୭-୭୮ ରେ ୨୯ ଲକ୍ଷ ୬ ହଜାର ବ୍ୟକ୍ତି ବେକାର ଅଛନ୍ତି ବୋଲି ଅଟକଳ କରାଯାଇଛି । ଏତେ ବିପୁଳ ସଂଖ୍ୟାରେ ବେକାର ଲୋକ ରହିଥିବା ବେଳେ ପ୍ରତି ବର୍ଷ ଏକ ଲକ୍ଷ ୯ ହଜାର ବ୍ୟକ୍ତି ଶ୍ରମିକ ଗୋଷ୍ଠୀରେ ସାମିଲ ହେଉଛନ୍ତି । ଏହି ବିଶାଳ ସମସ୍ୟାକୁ ଉଦ୍ୟୋଗୀକରଣ କିମ୍ବା ସରକାରୀ ଚାକିରୀ ଦ୍ୱାରା ସମାଧାନ କରାଯାଇ ପାରିବ ନାହିଁ । ଅପରନ୍ତୁ ବିଭିନ୍ନ ଅର୍ଥ ଲଗାଣ ସଂସ୍ଥା ମାନଙ୍କଠାରୁ ପ୍ରାପ୍ତ ସାହାଯ୍ୟ ଦ୍ୱାରା ଆତ୍ମନିଯୁକ୍ତି ସୁଯୋଗର ପରିସରକୁ ପ୍ରସାରିତ କରା ଯାଇପାରିବ । କୃଷି ଉତ୍ପାଦନ ତ୍ୱରାନ୍ୱିତ କରି ଶ୍ରମ ବହୁଳ କୁଟୀର ଓ କ୍ଷୁଦ୍ର ଶିଳ୍ପର ବିକାଶ ସାଧନ କରି ଏବଂ "କାମ ପାଇଁ ଶସ୍ୟ" ପରିକଳ୍ପନା ଅନୁସାରେ ମିଳୁଥିବା ସାହାଯ୍ୟର ଯଥାର୍ଥ ଉପଯୋଗ କରି କର୍ମ ନିଯୁକ୍ତିର ସୁବିଧା ସଂପ୍ରସାରିତ କରାଯାଇ ପାରିବ ।

୩୭ । ତପସିଲଭୁକ୍ତ ସଂପ୍ରଦାୟ ଓ ତପ୍‌ସିଲଭୁକ୍ତ ଜାତିର ମଙ୍ଗଳ ବିଧାନ ପ୍ରତି ବିଶେଷ ଧ୍ୟାନ ଦିଆଯିବ । ସେମାନଙ୍କ ସମସ୍ୟା ଗୁଡ଼ିକ ଭୂମି ସହିତ ଜଡ଼ିତ ହୋଇ ଥିବାରୁ ଜମି ଆବାଦ, ଜମି ଉନ୍ନୟନ, ଜଳସେଚନ ଓ ଫଳ ଚାଷ ପ୍ରତି ଅଗ୍ରାଧିକାର ଦିଆ ଯାଇଛି । ଶିକ୍ଷାଗତ ଓ ପରିବେଶର ଉନ୍ନତି ଭଳି ଅନ୍ୟାନ୍ୟ ସାମାଜିକ ତଥା ଅର୍ଥନୈତିକ ସମସ୍ୟାଗୁଡ଼ିକ ଉପରେ ମଧ୍ୟ ଧ୍ୟାନ ଦିଆଯାଇଛି । ବଜେଟ୍‌ରେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ମାନଙ୍କରେ ବିକାଶ ମୂଳକ କାର୍ଯ୍ୟ ପାଇଁ ସ୍ୱତନ୍ତ୍ର କେନ୍ଦ୍ରୀୟ ସାହାଯ୍ୟରୁ ମିଳୁଥିବା ୧୨ କୋଟି ୭୨ ଲକ୍ଷ ଟଙ୍କାକୁ ମିଶାଇ ଆଦିବାସୀ ଉପ ଯୋଜନାରେ ମୋଟ ୬୦ କୋଟି ୬୦ ଲକ୍ଷ ଟଙ୍କାର ବ୍ୟୟ ବ୍ୟବସ୍ଥା କରାଯାଇଛି ।

୩୮ । ଏହି ଅବସରରେ ମୁଁ ମାନ୍ୟବର ସଦସ୍ୟମାନଙ୍କୁ ସୂଚାଇ ଦେବାକୁ ଚାହେଁ ଯେ ଆମର ସ୍ୱଳ୍ପ ସମ୍ବଳ ସତ୍ତ୍ୱେ ଆମେ ସରକାରୀ କର୍ମଚାରୀ ଓ ପେନ୍‌ସନ୍‌ଭୋଗୀ ମାନଙ୍କୁ ଅଧିକ ସୁବିଧା ଦେବା ପାଇଁ ବ୍ୟବସ୍ଥା ଗ୍ରହଣ କରିଛୁ । ଦର ବୃଦ୍ଧିର ପ୍ରଭାବକୁ ଉପଶମ କରିବା ପାଇଁ ଗତ କେତେ ମାସ ତଳେ ଅତିରିକ୍ତ ମହଙ୍ଗା ଭତ୍ତା ମଞ୍ଜୁର କରାଯାଇଛି । ସରକାରୀ କର୍ମଚାରୀମାନଙ୍କର ଚାକିରୀ ସଂକ୍ରାନ୍ତୀୟ ସୁବିଧା ସୁଯୋଗକୁ ତ୍ୱରାନ୍ୱିତ ଭାବେ ନିଷ୍ପତ୍ତି କରିବା ନିମନ୍ତେ ନିୟମାବଳୀ ଓ ନିର୍ଦ୍ଦେଶାବଳୀକୁ ମଧ୍ୟ ସରଳ କରିଦିଆ ଯାଇଛି । ଅବସର ପ୍ରାପ୍ତ କର୍ମଚାରୀମାନଙ୍କ ପେନ୍‌ସନ୍ ଶତକଡ଼ା ୧୬ ଭାଗ ଅଧିକ ବଢ଼ାଇ ଦିଆଯାଇଛି । ପରିବାର ପେନ୍‌ସନ୍ ପାଇଁ ୨ ମାସର ଦରମା କାଟି ରଖିବାର ପୂର୍ବ ବ୍ୟବସ୍ଥା ମଧ୍ୟ ଉଠାଇ ଦିଆ ଯାଇଛି । ବାର୍ଦ୍ଧକ୍ୟ ପେନ୍‌ସନ୍ ପରିକଳ୍ପନା ଅବ୍ୟାହତ ରଖା ଯାଇଛି । ସମ୍ବଳର ସୁବିଧା ହେଲେ ଅନ୍ୟାନ୍ୟ ସାମାଜିକ ନିରାପତ୍ତା କାର୍ଯ୍ୟକ୍ରମ ଭବିଷ୍ୟତରେ ହାତକୁ ନିଆଯାଇ ପାରିବ ।

୩୯ । ମହାଶୟ, ମୋର ବକ୍ତବ୍ୟ ଶେଷ କରିବା ପୂର୍ବରୁ କହି ରଖେ ଯେ, ଯେଉଁ ବର୍ଷଟି ସମାପ୍ତ ହେବାକୁ ଯାଉଛି, ତାହା ଭାରତର ରାଜନୈତିକ ଇତିହାସରେ ଅତ୍ୟନ୍ତ ଗୁରୁତ୍ୱ-ପୂର୍ଣ୍ଣ ଓ ଘଟଣାବହୁଳ । ବର୍ତ୍ତମାନ ଆମ ସମ୍ମୁଖରେ ଏକ ସଂକଳ୍ପ ପୂର୍ଣ୍ଣ ବର୍ଷ ଉପସ୍ଥିତ ଯେତେ-ବେଳେ କି ଆମେ ଜନତା ସରକାରଙ୍କ ପ୍ରତିଶ୍ରୁତିକୁ ରୂପାୟିତ କରି ଆମ ରାଜ୍ୟର ଦାରିଦ୍ର୍ୟ ଦୂର କରିବା ସଂଗେ ସଂଗେ ଆମ ଆଶା ଓ ଆକାଂକ୍ଷାର ଅନ୍ତିମ ପରିମାପକ ଗ୍ରାମ୍ୟ ଅଧିବାସୀ-ମାନଙ୍କ ଉପରେ ଦୃଷ୍ଟି କେନ୍ଦ୍ରୀଭୂତ କରିବା ପାଇଁ ସକ୍ଷମ ହୋଇ ପାରିବା । ଆମ ଅର୍ଥନୀତିର ବିକାଶ ଓ ଜନ ଜୀବନର ମାନବୃଦ୍ଧି ଆମର ପବିତ୍ର କର୍ତ୍ତବ୍ୟ ହେଉ । ମୁଁ ଏଥି ପାଇଁ ଏହି ଗୃହର ସହଯୋଗ ଓ ଜନସାଧାରଣଙ୍କର ସଦିଚ୍ଛା କାମନା କରୁଛି ।

୪୦ । ମହାଶୟ, ବର୍ତ୍ତମାନ ମୁଁ ଏ ଗୃହର ବିଚାର ଓ ଅନୁମୋଦନ ନିମନ୍ତେ ୧୯୭୮-୭୯ ର ବଜେଟ୍ ଉପସ୍ଥାପିତ କରୁଛି ।

ଜୟହିନ୍ଦ୍

ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ-୧୦ ରେ ମୁଦ୍ରିତ